# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 17 January - 2025

### News Editor : Tapan Kumar Maharana

********************************

## ମୁଖ୍ୟ ସମ୍ବାଦ

- ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରରେ ପହଞ୍ଚିଲେ ସିଙ୍ଗାପୁର ରାଷ୍ଟ୍ରପତି

— ଆଜି ଏକାଧିକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ସୂଚନା

- ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ
- ରାଜ୍ୟରେ ଚଳିତମାସ ଶେଷ ସୁଦ୍ଧା ପ୍ରଦାନ କରାଯିବ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଅର୍ଥରାଶି

ଏବଂ

- ହକି ଇଣ୍ଡିଆ ଲିଗ୍‌ର ମହିଳା ବର୍ଗରେ ଆଜି ସନ୍ଧ୍ୟାରେ  ଏସ୍‌ଜି ପାଇପର୍ସ ଏବଂ ସୁର୍‌ମା ହକି କ୍ଲବ୍ ମଧ୍ୟରେ ଖେଳାଯିବ ମ୍ୟାଚ୍

# ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ

ସିଙ୍ଗାପୁର ରାଷ୍ଟ୍ରପତି ଥର୍ମନ ଶନ୍ମୁଗରତ୍ନମ ଆଜି ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରରେ ପହଞ୍ଚିଛନ୍ତି। ବିମାନ ବନ୍ଦରରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କୁ ସ୍ୱାଗତ କରିଛନ୍ତି। ଅପରାହ୍ଣରେ ସିଙ୍ଗାପୁର ରାଷ୍ଟ୍ରପତି ବିଶ୍ୱ ଦକ୍ଷତାବିକାଶ କେନ୍ଦ୍ରରେ ରାଜ୍ୟ ସରକାରଙ୍କ ସହ ବୁଝାମଣାପତ୍ର ସ୍ୱାକ୍ଷରିତ କରିବେ। ଏଥିରେ ସିଙ୍ଗାପୁର ସହ ଅକ୍ଷୟଶକ୍ତି, ଇଣ୍ଡଷ୍ଟ୍ରିଆଲ୍ ପାର୍କ, ନୂତନ ସହରୀ ବିକାଶ, ସେମିକଣ୍ଡକ୍ଟର କ୍ଷେତ୍ରରେ ଦକ୍ଷତା ବିକାଶ, ଗ୍ରୀନ୍ ହାଇଡ୍ରୋଜେନ୍ କରିଡର, ପେଟ୍ରୋଲିୟମ୍, ପେଟ୍ରୋକେମିକାଲ୍ସ ଏବଂ ରାସାୟନିକ କ୍ଷେତ୍ରରେ ନିବେଶ ଆଦିକୁ ନେଇ ଓଡ଼ିଶା ସରକାରଙ୍କ ସହ ବୁଝାମଣାପତ୍ର ସ୍ୱାକ୍ଷରିତ ହେବ।

ଆସନ୍ତାକାଲି ସିଙ୍ଗାପୁର ରାଷ୍ଟ୍ରପତି ପୁରୀ ଜିଲ୍ଲାର ରଘୁରାଜପୁରୁ ଐତିହ୍ୟ ଗ୍ରାମ ଏବଂ ଅର୍କକ୍ଷେତ୍ର କୋଣାର୍କ ମନ୍ଦିର ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ସେଥିପାଇଁ କୋଣାର୍କ ମନ୍ଦିରକୁ ଆସନ୍ତାକାଲି ସକାଳ ୮ଟାରୁ ସର୍ବସାଧାରଣଙ୍କ ପାଇଁ ବନ୍ଦ ରଖାଯିବ। ସେହିପରି ଭୁବନେଶ୍ୱରସ୍ଥିତ ଅନ୍ଧାରୁଆରେ ଥିବା ଭାରତ ବାୟୋଟେକ୍‌ର ଟିକା ପ୍ରସ୍ତୁତ କେନ୍ଦ୍ରକୁ ସିଙ୍ଗାପୁର ରାଷ୍ଟ୍ରପତି ପରିଦର୍ଶନ କରି ଅଧିକାରୀମାନଙ୍କ ସହ ଆଲୋଚନା କରିବେ।

# ତୀର୍ଥଯାତ୍ରା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ସ୍ୱତନ୍ତ୍ର ଶିରିଡି-ନାସିକ ଟ୍ରେନ୍‌ରେ ପୁରୀ, ଖୋର୍ଦ୍ଧା, ଜଗତ୍‌ସିଂହପୁର, କେନ୍ଦ୍ରାପଡା, କଟକ ଓ ଢେଙ୍କାନାଳ ଜିଲ୍ଲାରୁ ୮୦୦ ଜଣ ବରିଷ୍ଠ ନାଗରିକ ତୀର୍ଥଯାତ୍ରାରେ ଯାଇଛନ୍ତି। ସୂଚନା ଅନୁଯାୟୀ, ଚଳିତବର୍ଷ ୧୦ଟି ତୀର୍ଥଯାତ୍ରାରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୮ ହଜାର ବରିଷ୍ଠ ନାଗରିକ ଯାତ୍ରା କରିବେ। ଏହି ଯୋଜନା ମାଧ୍ୟମରେ ଶିରିଡି, ନାସିକ, କାମାକ୍ଷା, ବାରଣାସୀ, କଲିକତାର ଦକ୍ଷିଣ କାଳୀ ମନ୍ଦିର ଏବଂ ଅଯୋଧ୍ୟା ଭଳି ବିଭିନ୍ନ ୧୦ଟି ତୀର୍ଥସ୍ଥାନ ପରିଦର୍ଶନ କରିବେ। ୬୦ରୁ ୭୫ ବର୍ଷ ବୟସ୍କ ନାଗରିକମାନେ ଏହି ସୁବିଧା ପାଇପାରିବେ। ଅନ୍ତ୍ୟୋଦୟ, ରାସନକାର୍ଡ, ମନରେଗା କାର୍ଡ ଭଳି ଆର୍ଥିକ ଅନଗ୍ରସର ପ୍ରମାଣପତ୍ର ଦେଇ ଆବେଦନ ମାଧ୍ୟମରେ ବରିଷ୍ଠ ନାଗରିକମାନେ ତୀର୍ଥଯାତ୍ରା ସୁବିଧା ପାଇପାରିବେ ବୋଲି ସରକାର କହିଛନ୍ତି। ତୀର୍ଥଯାତ୍ରା ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି....

# - V/O –

## ସୁଭଦ୍ରା

ରାଜ୍ୟରେ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଅର୍ଥରାଶି ଚଳିତମାସ ଶେଷ ସୁଦ୍ଧା ପ୍ରଦାନ କରାଯିବ। ଏ ସମ୍ପର୍କରେ ସୂଚନା ଦେଇ

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି, ମୋଟ୍ ୩୧ ହଜାର ମହିଳା ଏହି ଯୋଜନାରୁ ବାଦ୍ ପଡିଥିବାବେଳେ ୧୭ ହଜାର ହିତାଧିକାରୀ ପୁଣିଥରେ ଏହି ଯୋଜନାରେ ସାମିଲ ହୋଇଛନ୍ତି। ବିଭିନ୍ନ କାରଣ ନେଇ ବଳକା ୧୪ ହଜାର ହିତାଧିକାରୀ ଯୋଜନାରେ ସାମିଲ ହୋଇପାରିନାହାନ୍ତି। ସେହିପରି ଏପର୍ଯ୍ୟନ୍ତ ୨ ଲକ୍ଷରୁ ଅଧିକ କେଓ୍ୱାଇସି ଅପ୍‌ଡେଟ୍ କରିନାହାନ୍ତି। କୌଣସି ଯୋଗ୍ୟ ହିତାଧିକାରୀ ଯେପରି ଏହି ଯୋଜନାରୁ ବାଦ୍ ନ ପଡନ୍ତି ସେ ଦିଗରେ ରାଜ୍ୟ ସରକାର କାର୍ଯ୍ୟ କରୁଥିବା ଉପମୁଖ୍ୟମନ୍ତ୍ରୀ କହିଛନ୍ତି....

# - V/O –

## ଦରମା ବୃଦ୍ଧି

ରାଜ୍ୟରେ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ସ୍ତରରେ କାର୍ଯ୍ୟରତ ସ୍କିମାଟିକ୍ କନିଷ୍ଠ ଶିକ୍ଷକଙ୍କ ପାରିଶ୍ରମିକ ବୃଦ୍ଧି ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଶିକ୍ଷକଙ୍କ ଦରମା ୧୧ ହଜାର ୧୦୦ରୁ ୧୬ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଏଥିସହିତ ଏହି ବର୍ଗର ଶିକ୍ଷକଙ୍କ କର୍ମଚାରୀ ଭବିଷ୍ୟନିଧି ପାଣ୍ଠିର ପରିମାଣ ୧୪ଶହ ୪୩ରୁ ୧୯ଶହ ୫୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଏ ନେଇ ସରକାର ବାର୍ଷିକ ୯୦ କୋଟି ଟଙ୍କା ଅତିରିକ୍ତ ଖର୍ଚ୍ଚ ବହନ କରିବେ। ଏହି ନିଷ୍ପତ୍ତି ଦ୍ୱାରା ରାଜ୍ୟର ମୋଟ୍ ୧୩ ହଜାର ୭୪୦ ଶିକ୍ଷକ ଉପକୃତ ହେବା ସହ ପ୍ରାଥମିକ ଶିକ୍ଷାର ଗୁଣାତ୍ମକ ବୃଦ୍ଧି ପାଇବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି।

ଅନ୍ୟପକ୍ଷରେ, ସରକାର ଆଗାମୀ ଦିନରେ ୨୮ ହଜାର ଶିକ୍ଷକ ନିଯୁକ୍ତି ଦେବେ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ସରକାର କନିଷ୍ଠ ଶିକ୍ଷକ ନିଯୁକ୍ତି ସହ ସ୍କୁଲ ସ୍ତରରେ ଜାତୀୟ ଶିକ୍ଷାନୀତି ୨୦୨୦ ଲାଗୁ କରିଛନ୍ତି।

## ଶ୍ରୀମନ୍ଦିର -ସମୀକ୍ଷା ବୈଠକ

ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ପାଇଁ ୫ ସୂତ୍ରୀ କାର୍ଯ୍ୟାବଳୀ ଅନୁପାଳନ ନିମନ୍ତେ ମୁଖ୍ୟ ପ୍ରଶାସକ ପରାମର୍ଶ ଦେଇଛନ୍ତି । ଗତକାଲି ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମନ୍ଦିର ପ୍ରଶାସନର କାର୍ଯ୍ୟ ସମୀକ୍ଷା ଅବସରରେ କୌଣସି ଅଧିକାରୀ ଓ କର୍ମଚାରୀ ପାନ, ଗୁଟ୍‌ଖା କିମ୍ବା କୌଣସି ମାଦକ ଦ୍ରବ୍ୟ ସେବନ କରିବେ ନାହିଁ ବୋଲି କୁହାଯାଇଛି । ଅନ୍ୟପକ୍ଷରେ ପ୍ରତ୍ୟେକ ମାସରେ ତୃତୀୟ ଶୁକ୍ରବାର ମନ୍ଦିର ପ୍ରଶାସନର କାର୍ଯ୍ୟ ସମୀକ୍ଷା କରାଯିବ । ଚଳିତମାସ ୩୧ ତରିଖ ସୁଦ୍ଧା ସମସ୍ତ କର୍ମଚାରୀଙ୍କୁ ସମ୍ପତ୍ତି ତାଲିକା ଦାଖଲ କରିବା ଲାଗି  ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି।

## ପକ୍ଷୀ ଗଣନା

ଚିଲିକା ବନ୍ୟପ୍ରାଣୀ ବନଖଣ୍ଡରେ ଆସନ୍ତାକାଲି ବିଦେଶାଗତ ପକ୍ଷୀ ଏବଂ ଦେଶୀୟ ପକ୍ଷୀଙ୍କ ଗଣନା କରାଯିବ । ଆଜି ଏଥିଲାଗି ଏକ ପ୍ରଶିକ୍ଷଣ

କାର୍ଯ୍ୟକ୍ରମ ଆୟୋଜିତ ହେବ । ପକ୍ଷୀ ଗଣନା ନିମନ୍ତେ ୨୧ଟି ଦଳ ଗଠନ କରାଯାଇଛି । ପ୍ରତ୍ୟେକ ଦଳରେ ୩ରୁ ୫ ଜଣ ଲେଖାଏଁ ପକ୍ଷୀ ବିଶେଷଜ୍ଞ ରହିଛନ୍ତି । ୧୩୦ ଜଣ ଏହି ଗଣନାରେ ଭାଗ ନେବେ । ଗତବର୍ଷ ଚିଲିକାକୁ ୧୮୭ ପ୍ରଜାତିର ୧୧ ଲକ୍ଷ ୩୭ ହଜାର ୭ଶହ ଅଣଷଠୀଟି ପକ୍ଷୀ ଆସିଥିଲେ ।

ଅନ୍ୟପକ୍ଷରେ ଆସନ୍ତା ୨୦ ତାରିଖରେ ଇରାୱାଡ଼ି ଡଲ୍‌ଫିନ୍ ଗଣନା କରାଯିବ । ୧୪୫ ଜଣ ବିଭାଗୀୟ କର୍ମଚାରୀ, ସ୍ୱେଚ୍ଛାସେବୀ ୧୮ଟି ଦଳରେ ବିଭକ୍ତ ହୋଇ ଡଲଫିନ୍ ଗଣନା କରିବେ ବୋଲି ଜଣାପଡ଼ିଛି ।

## ଧନ୍ଦାମୂଳକ ଶିକ୍ଷା

**ଭଦ୍ରକ** ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ଭଦ୍ରକ କାରାଗାରରେ ଥିବା ବନ୍ଦୀମାନଙ୍କୁ ଆଜି ଧନ୍ଦାମୂଳକ ଶିକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଛି । ଜିଲ୍ଲା ବିଚାର ବିଭାଗ ପ୍ରାଧିକରଣର ସଚିବ ନେହା ଅଗ୍ରୱାଲ, ପ୍ରଶିକ୍ଷକ ପ୍ରମୁଖ ଯୋଗଦେଇ ଧନ୍ଦାମୂଳକ ଶିକ୍ଷା ମାଧ୍ୟମରେ ବିଚାରାଧିନ କଏଦୀମାନେ କାରାଗାରରୁ ମୁକ୍ତ ହେବା ପରେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ସହ କିଭଳି ଆତ୍ମନିର୍ଭରଶୀଳ ହୋଇପାରିବେ ପ୍ରାଧିକରଣ ସଚିବ ଏହି ଅବସରରେ କହିଥିଲେ ।

## ପ୍ରସ୍ତୁତି ବୈଠକ

**କୋରାପୁଟ** ଜିଲ୍ଲା ଗୁପ୍ତେଶ୍ୱର ଶୈବପୀଠଠାରେ ମହାଶିବରାତ୍ରୀ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଉପଜିଲ୍ଲାପାଳ କୁମାରୀ ଅକାବରମ୍ ଶସ୍ୟା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଜୟପୁରଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରସ୍ତୁତି ବୈଠକରେ ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା। ଯାନବାହାନ ନିୟନ୍ତ୍ରଣ ପାଇଁ ବୈପାରୀଗୁଡ଼ା ପୋଲିସ୍, ଜୟପୁର ସଦର ପୋଲିସ୍ ଓ ଓଡ୍ରାଫଙ୍କୁ ଦାୟିତ୍ୱ ଦିଆଯାଇଛି। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଜିଲ୍ଲା ଖାଉଟି ଓ ଯୋଗାଣ ଅଧିକାରୀ ଦ୍ୱାରା ଦୁଇଟି ଷ୍ଟଲ୍ ହେବ ଏବଂ ଏଥିନିମନ୍ତେ ଖାଦ୍ୟ ସାମଗ୍ରୀ, ଜଳ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ସାମଗ୍ରୀ ଯୋଗାଇ ଦିଆଯିବ ବୋଲି ବୈଠକରୁ ସୂଚନା ମିଳିଛି।

## ମଣ୍ଡି ଉଦ୍‌ଘାଟିତ

**ବୌଦ୍ଧ** ଜିଲ୍ଲା ହରଭଙ୍ଗା ବ୍ଲକ୍ ବୀରନରସିଂହପୁର ମାର୍କେଟୟାଡ୍‌ଠାରେ ଏକ ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ ହୋଇଛି। ଶ୍ରୀଅନ୍ନ ଅଭିଯାନ, ଆଦର୍ଶକୃଷି ଉତ୍ପାଦକ କମ୍ପାନୀର ମିଳିତ ସହଯୋଗରେ ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ବ୍ଲକ୍ ଉପାଧ୍ୟକ୍ଷ କାହ୍ନୁଚରଣ ନାଥ ଯୋଗଦେଇ ଏହି ମଣ୍ଡି ଉଦ୍‌ଘାଟନ କରିବା ସହ ଆଗାମୀ ଦିନରେ ବ୍ଲକ୍‌ର ଛତ୍ରଙ୍ଗଠାରେ ଆଉ ଏକ ମଣ୍ଡି ଖୋଲାଯିବା ନେଇ ସୂଚନା ଦେଇଛନ୍ତି। ମୁଖ୍ୟଅତିଥି ଶ୍ରୀଅନ୍ନ ଅଭିଯାନ ମାଣ୍ଡିଆ ରଥକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି

ରଥ ବ୍ଲକ୍‌ର ସମସ୍ତ ଗ୍ରାମ ପରିକ୍ରମା କରିବା ସହ ମାଣ୍ଡିଆ ଚାଷ ତାହାର ଲାଭ ଏବଂ ସରକାରୀ ରିହାତି ଉପରେ ଜନସାଧାରଣଙ୍କୁ ସଚେତନ କରାଇବ। ସୂଚନାଯୋଗ୍ୟ, ଏହି ବ୍ଲକ୍‌ରେ ମାଣ୍ଡିଆ ଚାଷ ଅଧିକ ପରିମାଣରେ ହୋଇଛି।

## କୃଷ୍ଣସାର ମୃଗ

**ଗଞ୍ଜାମ** ଜିଲ୍ଲା ଉତ୍ତର ଘୁମୁସର ବନଖଣ୍ଡ ଅଧୀନ ବେଲଗୁଣ୍ଠା ସେକ୍ସନରୁ ଆଉ ୪ଟି କୃଷ୍ଣସାର ମୃଗକୁ ପୁରୀ ଜିଲ୍ଲାର ବାଲୁଖଣ୍ଡ ଅଭୟାରଣ୍ୟକୁ ସ୍ଥାନାନ୍ତରିତ କରାଯାଇଛି। ଏହାକୁ ମିଶାଇ ବାଲୁଖଣ୍ଡ ଅଭୟାରଣ୍ୟରେ କୃଷ୍ଣସାର ମୃଗଙ୍କ ସଂଖ୍ୟା ୭ ହୋଇଛି। ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହି ବ୍ୟବସ୍ଥା କରାଯାଇଛି। ସୂଚନାଯୋଗ୍ୟ, ଗତ ନଭେମ୍ବର ମାସରେ ୨ଟି ଏବଂ ଚଳିତମାସରେ ଗୋଟିଏ କୃଷ୍ଣସାର ମୃଗକୁ ଏହି ଅଞ୍ଚଳରୁ ପଠାଯାଇଥିଲା।

## ତାଲିମ ଶିବିର

**ବୌଦ୍ଧ** ଜିଲ୍ଲା ପାଳଝାର କୃଷିବିଜ୍ଞାନ କେନ୍ଦ୍ରଠାରେ ଜିଲ୍ଲାସ୍ତରୀୟ କୃଷକ ଉତ୍ପାଦକ ସଂଗଠନର ତାଲିମ ଶିବିର ଅନୁଷ୍ଠିତ ହୋଇଛି। କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ସଂଯୋଜକ ତପନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାର ୧୦ ଗୋଟି ଅଗ୍ରଣୀ କୃଷକ ଉତ୍ପାଦକ ସଂଗଠନର ପରିଚାଳନା ନିର୍ଦ୍ଦେଶକ ମଣ୍ଡଳୀ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀମାନେ

ଯୋଗ ଦେଇଛନ୍ତି। ଉଦ୍ୟାନ କୃଷି ସମ୍ବନ୍ଧୀୟ ତାଲିମ, ବିହନ ପ୍ରସ୍ତୁତି, ଉନ୍ନତ ଚାଷ ଉପରେ ଶିବିରରେ ତାଲିମ୍ ପ୍ରଦାନ କରାଯାଇଛି।

## ହକି

ହକି ଇଣ୍ଡିଆ ଲିଗ୍ ଅନ୍ତର୍ଗତ ମହିଳା ବର୍ଗରେ ଆଜି ରାଉରକେଲା ବିର୍ସାମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମରେ ରାତି ୮ଟା ୧୫ ମିନିଟ୍‌ରେ ଦିଲ୍ଲୀ ଏସ୍‌ଜି ପାଇପର୍ସ ଏବଂ ସୁର୍‌ମା ହକି କ୍ଲବ୍ ମଧ୍ୟରେ ମ୍ୟାଚ୍ ଖେଳାଯିବ।

ସେହିପରି ହକି ଇଣ୍ଡିଆ ଲିଗ୍‌ର ପୁରୁଷ ବର୍ଗରେ ଆସନ୍ତାକାଲି ହାଇଦ୍ରାବାଦ ତୁଫାନ୍ସ ଓ ତାମିଲନାଡୁ ଡ୍ରାଗନ୍ସ ଏବଂ ଗୋନାସିକା ଓ ୟୁପି ରୁଦ୍ରାସ ମଧ୍ୟରେ ରାଉରକେଲା ବିର୍ସାମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମରେ ମୁକାବିଲା ହେବ ।

**********************************